ପ୍ରମେୟ
THE PRAMEYA

# ବିଜିୟୁ ପକ୍ଷରୁ ସ୍ପୋର୍ଟ୍ସ ଫେଷ୍ଟ

ଭୁବନେଶ୍ୱର,୩।୨ (ବ୍ୟୁରୋ): ବିଜିୟୁ ଅନ୍ତଃ କଲେଜ/ୟୁନିଭରସିଟି ସ୍ପୋର୍ଟ୍ସ ଫେଷ୍ଟ-୨୦୧୭ ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ପକ୍ଷରୁ ସଫଳତା ସହିତ ଆୟୋଜିତ ହୋଇ ଯାଇଛି। ଏହି ଫେଷ୍ଟରେ ଓଡ଼ିଶାର ୧୩ଟି କଲେଜ ଏବଂ ୟୁନିଭରସିଟିର ୨୫୦ ଜଣ ପ୍ରତିଯୋଗୀ ୨୦ଟି ଟିମ୍‌କୁ ପ୍ରତିନିଧିତ୍ୱ କରିଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲ୍‌ରେ ବିର୍ଲା ଗ୍ଲୋବାଲ ୟୁନିଭରସିଟି, କିଟ୍ ସ୍କୁଲ ଅଫ୍ ଟେକ୍ନୋଲୋଜିକୁ ହରାଇଥିବା ବେଳେ ମହିଳା ବାସ୍କେଟବଲ୍ ଫାଇନାଲ୍‌ରେ ଆଇଟିଇଆର, ସିଲିକନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିକୁ ପରାସ୍ତ କରିଥିଲା। କ୍ରୀଡ଼ା ଫେଷ୍ଟିଭାଲ୍‌କୁ ବିଜିୟୁ, ଭୁବନେଶ୍ୱର, ଉପଦେଷ୍ଟା ଡ. ବି. କେ. ଦାସ ଏବଂ ବିମ୍‌ଟେକ୍, ଭୁବନେଶ୍ୱର, ନିର୍ଦ୍ଦେଶକ, ଡ. ପରମେଶ୍ୱର ନାୟକ ଉଦ୍‌ଘାଟନ କରିଥିଲେ। ମେସର୍ସ ବର୍ମା ସ୍ପୋର୍ଟ୍ସ ଟ୍ରଫି ପ୍ରସ୍ତୁତ କରିଥିବା ବେଳେ ବିଭିନ୍ନ ବର୍ଗରେ ଚାମ୍ପିଅନ୍ ଦଳକୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

# ଭାରତ ୨-୦ରେ ଆଗୁଆ


ଯୁକି ଭାମ୍ବ୍ରି


ରାମକୁମାର ରାମନାଥନ

ପୁନେ,୩।୨(ଏଜେନ୍ସି): ଡେଭିସ୍ କପ୍ ଏସିଆ/ଓସିଆନିଆ ଗ୍ରୁପ୍-୧ରେ ଭାରତ ବିଜୟ ଅଭିଯାନ ଆରମ୍ଭ କରିଛି। ପ୍ରଥମ ଦିବସରେ ଭାରତ ଉଭୟ ସିଙ୍ଗଲ୍ସ ମ୍ୟାଚ୍ ଜିତିଛି। ଦୁଇ ଯୁବ

## ଡେଭିସ୍ କପ୍: ଭାମ୍ବ୍ରି, ରାମନାଥନ ଜିତିଲେ

ଖେଳାଳି ଯୁକି ଭାମ୍ବ୍ରି ଓ ରାମକୁମାର ରାମନାଥନ ଭାରତକୁ ଅଗ୍ରଣୀ କରାଇଛନ୍ତି। ଫଳରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୨-୦ରେ ଅଗ୍ରଣୀ ହାସଲ କରିଛି।

ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାମ୍ବ୍ରି ସିଧା ସଳଖ ୬-୪, ୬-୪, ୬-୩ ସେଟ୍‌ରେ ନ୍ୟୁଜିଲାଣ୍ଡର ଫିନ୍ କରିଥିବାବେଳେ ଟିୟର୍ଣ୍ଣି ୨ଟି ବ୍ରେକ୍ ପଏଣ୍ଟ ହାସଲ କରିଥିଲେ।

ଦ୍ୱିତୀୟ ସେଟ୍‌ରେ ଟିୟର୍ଣ୍ଣି ଲଢ଼େଇ କରିଥିଲେ। ହେଲେ ଭାମ୍ବ୍ରିଙ୍କ ସର୍ଭିସ୍ ତାଙ୍କ ପାଇଁ ଭାରି ପଡ଼ିଥିଲା। ଏହି ସେଟ୍‌ରେ ଭାମ୍ବ୍ରି ୨ଟି ଏସ୍ ସର୍ଭିସ୍ କରିଥିଲେ। ସେହିପରି ସେ ୨ଟି ବ୍ରେକ୍ ପଏଣ୍ଟ ମଧ୍ୟ ହାସଲ କରିଥିଲେ।

ତୃତୀୟ ସେଟ୍‌ରେ ଟିୟର୍ଣ୍ଣିଙ୍କ ସର୍ଭିସ୍‌ରେ ଉନ୍ନତି ଘଟିଥିଲା। ହେଲେ ରାଲିରେ ଭାମ୍ବ୍ରିଙ୍କ ପ୍ରଦର୍ଶନ ଉନ୍ନତ ରହିଥିଲା। ତାଙ୍କ କୃଶଳୀ ଡ୍ରପ୍ ସଟ୍‌କୁ ଟିୟର୍ଣ୍ଣି ପରିଖି ପାରି ନଥିଲେ। ଏହି ମାତ୍ର ୧ଘଣ୍ଟା ୫୨ ମିନିଟ୍ ମଧ୍ୟରେ ସେ ଏହି ମ୍ୟାଚ୍ ଜିତି ନେଇଥିଲେ। ରାମନାଥନଙ୍କ ସର୍ଭିସ୍ ବେଶ୍ ଆକର୍ଷଣୀୟ ରହିଥିଲା। ମୋଟ ମ୍ୟାଚ୍‌ରେ ରାମନାଥନ ୧୫ଟି ଏସ୍ ସର୍ଭିସ୍ କରିଥିଲେ। ଉନ୍ନତ ସର୍ଭିସ୍ ଫଳରେ ଷ୍ଟାଥାମଙ୍କୁ ବ୍ରେକ୍ ପଏଣ୍ଟ ପାଇଁ ରାମନାଥନ ସୁଯୋଗ ଦେଇ ନଥିଲେ।

ପ୍ରଥମ ସେଟ୍‌ରେ ୪ଟି ଏସେସ୍(ସର୍ଭିସ୍) ନେଇଥିଲେ ରାମନାଥନ। ମାତ୍ର ୨୯ ମିନିଟ୍ ମଧ୍ୟରେ ସେ ଏହି ସେଟ୍ ଅକ୍ତିଆର କରିଥିଲେ। ଦ୍ୱିତୀୟ ସେଟ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଗୋଟିଏ ପଟେ ରାମନାଥନ ସର୍ଭିସ୍ ଦ୍ୱାରା ପଏଣ୍ଟ ହାସଲ କରୁଥିବାବେଳେ ଅନ୍ୟ ପଟରେ ଷ୍ଟାଥାମ ଆକର୍ଷଣୀୟ ରିଟର୍ଣ୍ଣ ଦେଇ ରାମନାଥନଙ୍କୁ ତ୍ରୁଟି କରିବାକୁ ବାଧ୍ୟ କରୁଥିଲେ। ହେଲେ ଶେଷରେ ରାମନାଥନ ଗୋଟିଏ ବ୍ରେକ୍ ପଏଣ୍ଟ ହାସଲ କରି

# ବେଙ୍ଗଲ ଠାରୁ ହାରିଲା ଓଡ଼ିଶା

## ପୂର୍ବାଞ୍ଚଳ ଟି-୨୦

କଟକ,୩।୨(ବ୍ୟୁରୋ): କୋଲକାତାରେ ଖେଳାଯାଉଥିବା ପୂର୍ବାଞ୍ଚଳ ଟି-୨୦ କ୍ରିକେଟରେ ବେଙ୍ଗଲ ୨୪ ରନ୍‌ରେ ଓଡ଼ିଶାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବେଙ୍ଗଲ ୭ ୱିକେଟରେ ୧୪୫ରନ୍ କରିଥିଲା। ଜବାବରେ ଓଡ଼ିଶା ୮ବଲ୍ ବାକି ଥାଇ ମାତ୍ର ୧୨୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।

ଓଡ଼ିଶା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଓଡ଼ିଶା ଶୃଙ୍ଖଳିତ ବୋଲିଂର ମୁକାବିଲା କରିନପାରି ବେଙ୍ଗଲ୍ ୪୧ରନ୍‌ରେ ୩ ୱିକେଟ ହରାଇ ଥିଲା। ଦଳୀୟ ସ୍କୋର ୨୪ ବେଳେ ରିଦ୍ଧିମାନ ଶାହା ୧୦ ରନ୍ କରି ଆଉଟ୍ ହୋଇଥିଲେ। ସେହିପରି ଅଭିଷେକ ରମାନ ୫ ଓ ଅଧିନାୟକ ମନୋଜ ତିୱାରୀ ୧ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଅନ୍ୟ ଓପନର ଶ୍ରୀବତ୍ସ ଗୋସ୍ୱାମୀ ଦୃଢ ବ୍ୟାଟିଂ କରିଥିଲେ। ୩୧ବଲ୍‌ରୁ ୩୩ରନ୍ କରି ଆଉଟ୍ ହୋଇଥିଲେ। ପରେ ପରେ ଦଳ ପଙ୍କଜ ଶ'(୫)ଙ୍କ ୱିକେଟ୍ ହରାଇଥିଲା। ହେଲେ ଏହାପରେ ପ୍ରମୋଦ ଚଣ୍ଡିଲା (୨୮), ଋିତିକ୍ ଚାଟାର୍ଜୀ( ୩୭) ଓ କନିଷ୍କ ସେଠ୍ (୨୨)ଙ୍କ ଉନ୍ନତ ପ୍ରଦର୍ଶନ ବଳରେ ବେଙ୍ଗଲ ୭/୧୪୫ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ବସନ୍ତ ମହାନ୍ତି, ଦୀପକ ବେହେରା ଓ ପରେଶ ପଟେଲ୍ ୨ଟି ଲେଖାଏଁ ୱିକେଟ ନେଇଥିଲେ।

୧୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ୨୦ ରନ୍‌ରେ ୩ୱିକେଟ ହରାଇଥିଲା। ଦେବେନ୍ଦ୍ର କୁଅଁର ଖାତା ଖୋଲିବାକୁ ସମର୍ଥ ହୋଇନଥିବା ବେଳେ ପରେଶ ପଟେଲ୍ ୭, ଅନୁରାଗ ଷଡ଼ଙ୍ଗୀ ୪ ରନ୍ କରି ନିରାଶ କରିଥିଲେ। ସେହିପରି ଅଭିଲାଷ ମଲ୍ଲିକ ୧ ଓ ବିପ୍ଳବ ସାମନ୍ତରାୟ ଖାତା ଖୋଲିନପାରିବା ଓଡ଼ିଶାର ପରାଜୟ ନିଶ୍ଚିତ କରିଥିଲା। ମଧ୍ୟଭାଗରେ ଶୁଭ୍ରାଂଶୁ ସେନାପତି ୪୫ବଲ୍‌ରୁ ୬ଟି ଚୌକା ସହାୟତାରେ ୪୧ରନ୍ କରି ଆଶା ସଞ୍ଚାର କରିଥିଲେ। କିନ୍ତୁ ଅନ୍ୟ ବ୍ୟାଟ୍ସମ୍ୟାନ ଫେଲ୍ ମାରିବା ଯୋଗୁଁ ଦଳ ଏହାର ଫାଇଦା ଉଠାପାରିନଥିଲା। ଅଭିଷେକ ଯାଦବ ୨୩ରନ୍ କରିଥିଲେ। ସେ ଆଉଟ୍ ହେବା ପରେ ଦୀପକ ବେହେରା ୧୦, ସୂର୍ଯ୍ୟକାନ୍ତ ପ୍ରଧାନ ୧୪, ବସନ୍ତ ମହାନ୍ତି ୧୯ରନ୍ କରି ଆଉଟ୍ ହୋଇଥିଲେ। ଓଡ଼ିଶା ୧୮.୪ ଓଭରରେ ୧୨୧ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା। ବେଙ୍ଗଲ ପକ୍ଷରୁ ସାୟନ ଘୋଷଙ୍କୁ ୩ଟି ଓ ପ୍ରଜ୍ଞାନ ଓଝାଙ୍କୁ ୨ୱିକେଟ ମିଳିଥିଲା।

# ସାମରିକ କ୍ରୀଡ଼ାଗୁରୁ ହରିପ୍ରସାଦଙ୍କୁ ଡକ୍ଟରେଟ



ଭୁବନେଶ୍ୱର,୩।୨(ବ୍ୟୁରୋ): ସାମରିକ କ୍ରୀଡ଼ା ଗୁରୁ ହରି ପ୍ରସାଦ ପଟ୍ଟନାୟକ ଡକ୍ଟରେଟ ସମ୍ମାନ ହାସଲ କରିଛନ୍ତି। ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଅବସରରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ.ଏସ.ସି ଜମିର ହରି ପ୍ରସାଦଙ୍କୁ ସାମରିକ କ୍ରୀଡ଼ା ଓ ଯୋଗ କ୍ଷେତ୍ରରେ ଉତ୍ତମ ପ୍ରଶିକ୍ଷଣ ନିମନ୍ତେ ଡକ୍ଟରେଟ ସମ୍ମାନରେ ସମ୍ମାନିତ କରିଥିଲେ।

| | | | | | | |
|---|---|---|---|---|---|---|
| ସେନସେକ୍ସ: | ୨୮,୨୪୦.୫୨ (▲ ୧୩.୯୧) | ବିନିମୟ ମୂଲ୍ୟ (ଟଙ୍କାରେ) | | ତୈଳଦର (ଡଲାରରେ) | | ସୁନା: ୨୯,୯୪୦ ଟଙ୍କା (୧୦ ଗ୍ରାମ୍ ପିଛା) |
| | | ଡଲାର | ୬୭.୩୨ | ବ୍ରେଣ୍ଟ | ୫୬.୫୬ | |
| | | ପାଉଣ୍ଡ | ୮୩.୭୫ | ଡବ୍ଲୁଟିଆଇ | ୫୩.୫୪ | |
| ନିଫ୍ଟି: | ୮,୭୪୦.୯୫ (▲ ୬.୭୦) | ୟୁରୋ | ୭୨.୨୬ | | | ରୁପା: ୪୫,୭୬୨ ଟଙ୍କା (କିଲୋଗ୍ରାମ୍ ପିଛା) |
| | | ୟୁଆନ | ୯.୭୬ | | | |

# ବେପାର ବଣିଜ BUSINESS



### ନାବାର୍ଡ ଷ୍ଟେଟ୍ ଫୋକସ୍ ପେପର୍ ୨୦୧୭-୧୮

# ଓଡ଼ିଶା ପାଇଁ ୬୬ ହଜାର କୋଟି ଋଣ ଯୋଜନା

ଭୁବନେଶ୍ୱର,୩।୨(ବ୍ୟୁରୋ): ଆସନ୍ତା ଆର୍ଥିକ ବର୍ଷ (୨୦୧୭-୧୮)ରେ ଓଡ଼ିଶାର ପ୍ରାଥମିକ କ୍ଷେତ୍ର ପାଇଁ ମୋଟ୍ ୬୬,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ଆବଶ୍ୟକ। ଏହା ଚଳିତ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ଋଣ ତୁଳନାରେ ପାଖାପାଖି ୧୩% ଅଧିକ। ରାଷ୍ଟ୍ରୀୟ କୃଷି ଓ ଗ୍ରାମାଞ୍ଚଳ ବିକାଶ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ଆଜି ପ୍ରକାଶିତ 'ଷ୍ଟେଟ୍ ଫୋକସ୍ ପେପର୍ ୨୦୧୭-୧୮'ରେ ଏଭଳି ପ୍ରସ୍ତାବ ଦିଆଯାଇଛି।

ସେହିଭଳି ରିପୋର୍ଟ ଦର୍ଶାଇଛି, ରାଜ୍ୟର ପ୍ରାଥମିକ କ୍ଷେତ୍ରକୁ ଆବଶ୍ୟକ ଋଣରେ କୃଷିକ୍ଷେତ୍ର ଏକାକୀ ୩୬,୧୨୨ କୋଟି ଅଂଶୀଦାର ହେବ। ୨୦୧୭-୧୮ ପାଇଁ ପ୍ରାଥମିକ କ୍ଷେତ୍ର ଋଣ ଚାହିଦା ୧୩.୦୨% ବୃଦ୍ଧି ଘଟି ୬୬,୫୫୪ କୋଟି ୫୧ ଲକ୍ଷ ଟଙ୍କାରେ ପହଞ୍ଚିବ।

ପ୍ରାଥମିକ କ୍ଷେତ୍ରକୁ ଆବଶ୍ୟକ ଋଣରେ କୃଷିକ୍ଷେତ୍ର ଏକାକୀ ୫୪.୨୭% ବା ୩୬,୧୨୨ କୋଟି ଟଙ୍କା ଅଂଶୀଦାର। ମୋଟ୍ କୃଷିକ୍ଷେତ୍ର ଋଣରୁ ୩୩,୩୫୩ କୋଟି ୭୧ ଲକ୍ଷ ଟଙ୍କା ବା ୯୨.୩୩% କେବଳ କୃଷି ଋଣ ପାଇଁ ଦରକାର। ଏଥିମଧ୍ୟରୁ ଶସ୍ୟ ଋଣ ପାଇଁ ୨୪,୨୧୨ କୋଟି ଟଙ୍କା ଦରକାର। ସେହିପରି କୃଷିକ୍ଷେତ୍ର ଭିତ୍ତିଭୂମି ପାଇଁ ୧,୬୪୨ କୋଟି ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ପାଇଁ ୧,୧୨୬




- ■ କୃଷି ଋଣ ଏକାକୀ ୩୩ ହଜାର କୋଟି ଅଂଶୀଦାର
- ■ ଗ୍ରାମୀଣ ଭିତ୍ତିଭୂମିରେ ୪ ହଜାର କୋଟି ନିବେଶ ସୁଯୋଗ

ଅପରପକ୍ଷରେ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ୪,୧୮୯ କୋଟି ଟଙ୍କାର ପୁଞ୍ଜିନିବେଶ ସୁଯୋଗ ରହିଥିବା କୁହାଯାଇଛି।

ଓଡ଼ିଶା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଋଣ ସମ୍ମିଳନୀ ଅବସରରେ ନାବାର୍ଡ ଷ୍ଟେଟ୍ ଫୋକସ୍ ରିପୋର୍ଟ ପ୍ରକାଶିତ ହୋଇଛି। ଏଥିରେ କୁହାଯାଇଛି, ୨୦୧୬-୧୭ରେ ଓଡ଼ିଶାର ପ୍ରାଥମିକ କ୍ଷେତ୍ର ପାଇଁ ୫୮,୮୮୨ କୋଟି ୩୯ ଲକ୍ଷ ଟଙ୍କାର ଋଣ ଆବଶ୍ୟକ। ତେବେ କୋଟି ଟଙ୍କାର ଋଣ ଚାହିଦା ରହିଥିବା ରିପୋର୍ଟରେ କୁହାଯାଇଛି।

ଷ୍ଟେଟ୍ ଫୋକସ୍ ପେପର୍ ମୁତାବକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ର ପାଇଁ ୨୦୧୭-୧୮ରେ ୧୬,୬୯୫ କୋଟି ୧୭ ଲକ୍ଷ ଟଙ୍କାର ଋଣ ଆବଶ୍ୟକ ହେବ, ଯାହାକି ପ୍ରାଥମିକ କ୍ଷେତ୍ର ମୋଟ୍ ଋଣର ୨୫.୦୮% ଅଂଶୀଦାର। ଅନ୍ୟ କ୍ଷେତ୍ର ମଧ୍ୟରେ ହାଉସିଂ ପାଇଁ ୪,୫୦୨ କୋଟି ଟଙ୍କାର ଋଣ ଚାହିଦା ଥିବା ବେଳେ ଶିକ୍ଷା, ରପ୍ତାନି ଋଣ ପାଇଁ ଯଥାକ୍ରମେ ୧,୮୮୩ କୋଟି ଓ ୪୦୭ କୋଟି ଟଙ୍କାର ଋଣ ଆବଶ୍ୟକ।

ନାବାର୍ଡ କହିଛି, ଗ୍ରାମାଞ୍ଚଳରେ ଋଣ କ୍ଷମତା ବୃଦ୍ଧି ପାଇଁ ଭିତ୍ତିଭୂମି ବିକାଶ ନିହାତି ଅପରିହାର୍ଯ୍ୟ। ଆସନ୍ତା ଆର୍ଥିକ ବର୍ଷ ରାଜ୍ୟର ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶରେ ପାଖାପାଖି ୪,୧୮୯ କୋଟି ୯୨ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ଆବଶ୍ୟକ। ସେଥିମଧ୍ୟରୁ ଜଳସେଚନ ପାଇଁ ୧,୯୧୨ କୋଟି ୯୫ ଲକ୍ଷ ଟଙ୍କା ଦରକାର ହେବାକୁ ଥିବା ବେଳେ ଗ୍ରାମାଞ୍ଚଳ ଯୋଗାଯୋଗ ପାଇଁ ୧,୪୫୯ କୋଟି ୩୭ ଲକ୍ଷ ଟଙ୍କା ଜରୁରି। ତେବେ ଅମଳ ପରେ ଖାଦ୍ୟଶସ୍ୟ ମହଜୁଦ୍ ରଖିବା ଏବେ ରାଜ୍ୟରେ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥିପାଇଁ ୨୦୧୭-୧୮ରେ ଗୋଦାମ ବ୍ୟବସ୍ଥା କରିବାକୁ ୨୬୭ କୋଟି ୧୫ ଲକ୍ଷ ଟଙ୍କାର ଋଣ ଆବଶ୍ୟକ ବୋଲି ଷ୍ଟେଟ୍ ଫୋକସ୍ ପେପର ପରାମର୍ଶ ଦେଇଛି।

ରାଜ୍ୟ ଋଣ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ମୁଖ୍ୟ ସଚିବ କହିଛନ୍ତି, ଯେକୌଣସି କ୍ଷେତ୍ର ପାଇଁ ଋଣ ହେଉଛି ଜୀବନରେଖା। ଓଡ଼ିଶାରେ କୃଷିକ୍ଷେତ୍ର ଓ କ୍ଷୁଦ୍ର ଶିଳ୍ପ କ୍ଷେତ୍ର ଏକ ବଡ଼ ଅଂଶୀଦାର। ତେଣୁ ବ୍ୟାଙ୍କଗୁଡ଼ିକ କୃଷି ଓ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଋଣ ପ୍ରଦାନ ଦିଗରେ ଗୁରୁତ୍ୱ ଦେବା ଉଚିତ। ଏହାଛଡ଼ା ଆଗାମୀ ୫ ବର୍ଷ ମଧ୍ୟରେ ଚାଷୀ ଆୟ ଦ୍ୱିଗୁଣିତ କରିବାକୁ କେନ୍ଦ୍ର ସରକାର ରଖିଥିବା ଲକ୍ଷ୍ୟ ପୂରଣ ପାଇଁ ଚାଷୀମାନେ ଚାଷକାର୍ଯ୍ୟ ବ୍ୟତୀତ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରିବା ଉଚିତ ବୋଲି ଶ୍ରୀ ପାଢ଼ି ପରାମର୍ଶ ଦେଇଛନ୍ତି।

ରାଜ୍ୟ ଋଣ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିସନର ଆର୍ ବାଲାକ୍ରିଷ୍ଣନ୍, ଅର୍ଥ ସଚିବ ତୁହିନ କାନ୍ତ ପାଣ୍ଡେ, ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକ ଡ. କେ ସି ପାଣିଗ୍ରାହୀ, ନାବାର୍ଡ ମହାପ୍ରବନ୍ଧକ ପି କେ ପଣ୍ଡା, ଏସ୍‌ବିଆଇ ମୁଖ୍ୟ ମହାପ୍ରବନ୍ଧକ ବି ଭି ଜି ରେଡ୍ଡୀ, ଆର୍‌ବିଆଇ ମହାପ୍ରବନ୍ଧକ ପି କେ ଦାସ, ନାବାର୍ଡ ମହାପ୍ରବନ୍ଧକ ଏମ୍ ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ।

### ବିମୁଦ୍ରୀକରଣ ପ୍ରଭାବ

## ସୁନା ଚାହିଦା ୭ ବର୍ଷ ତଳକୁ ଖସିଲା

ମୁମ୍ବାଇ,୩।୨(ଏଜେନ୍ସି): ମୋଦି ସରକାରଙ୍କ ବିମୁଦ୍ରୀକରଣ ପଦକ୍ଷେପ ଯୋଗୁ ସୁନା ଚୋରି ଏକପ୍ରକାର ଠପ୍ ହୋଇଯାଇଛି। ଏଥିଯୋଗୁ ଦେଶର ସୁନା ଚାହିଦା ୭ ବର୍ଷର ତଳ ସ୍ତରକୁ ଖସିଯାଇଛି।

ବିଶ୍ୱ ସୁନା ପରିଷଦ (ଡବ୍ଲ୍ୟୁଜିସି) ପକ୍ଷରୁ ପ୍ରକାଶିତ ତଥ୍ୟ ମୁତାବକ ଭାରତର ସୁନା ଚାହିଦା ୨୦୧୬ କ୍ୟାଲେଣ୍ଡର ବର୍ଷରେ ୬୭୫.୫ ଟନ୍‌କୁ ହ୍ରାସ ପାଇଛି। ଏହାର ପୂର୍ବବର୍ଷ ସୁନା ଚାହିଦା ୮୫୭.୨ ଟନ୍ ରହିଥିଲା। ଫଳରେ ଚାହିଦାରେ ୨୧.୨% ହ୍ରାସ ଦେଖିବାକୁ ମିଳିଛି। ଡଲାର ହିସାବରେ ଦେଶର ସୁନା ଚାହିଦା ୧୫% କମି ୨୦୧୬ରେ ୨,୭୨୦ କୋଟି ଡଲାରକୁ ଖସିଆସିଛି, ଯାହା ଏହାର ପୂର୍ବବର୍ଷରେ ୩,୨୦୦ କୋଟି ଡଲାର ରହିଥିଲା।

କେନ୍ଦ୍ର ସରକାରଙ୍କ ପାଇଁ ଏହା ବେଶ୍ ଖୁସି ଖବର ହୋଇଛି। କାରଣ ଦେଶର ସୁନା ଆମଦାନିକୁ ହ୍ରାସ କରିବା ଲାଗି ସରକାର ଅନେକ ପଦକ୍ଷେପ ନେଇଥିଲେ। ଆମଦାନି ଶୁଳ୍କ ବୃଦ୍ଧି ହେଲେ ବି ଚୋରି ବାଟରେ ସୁନା ଦେଶକୁ ଆସୁଥିଲା। ଫଳରେ ଚାହିଦାକୁ ଆଦୌ ରୋକାଯାଇ ପାରୁ ନ ଥିଲା। କିନ୍ତୁ ବିମୁଦ୍ରୀକରଣ ମାଡ଼ରେ ତାହା ସାବାଡ଼୍ ହୋଇଯାଇଛି। ଏଥିଯୋଗୁ ସୁନା ଚୋରି ଅନେକାଂଶରେ ହ୍ରାସ ପାଇଛି। ତା'ଛଡ଼ା ୨,୦୦,୦୦୦ ଟଙ୍କାରୁ ଅଧିକ ନଗଦ କାରବାରରେ ସରକାର ଗତବର୍ଷ କେୱାଇସି କଟକଣା ଲଗାଇଥିଲେ। ଏହାଦ୍ୱାରା ବି ସୁନା ଚାହିଦା ହ୍ରାସର ଅନ୍ୟତମ କାରଣ ସାଜିଛି। ସେହିପରି ୨୦୧୬-୧୭ ବଜେଟ୍‌ରେ ସରକାର ୧% ଉତ୍ପାଦ ଟିକସ ଲାଗୁ କରିଥିଲେ।



### ଶସ୍ତା ବାସଗୃହକୁ ଭିତ୍ତିଭୂମି ମାନ୍ୟତା

## ଲାଭବାନ ହେବେ ରିଅଲ୍ ଇଷ୍ଟେଟ୍, ଗ୍ରାହକ




ଭୁବନେଶ୍ୱର,୩।୨(ବ୍ୟୁରୋ): ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଆଗତ ବଜେଟ୍‌ରେ କେନ୍ଦ୍ର ସରକାର ଶସ୍ତା ବାସଗୃହକୁ ଭିତ୍ତିଭୂମି ମାନ୍ୟତା ପ୍ରଦାନ କରିଛନ୍ତି। ଏହା ଉଭୟ ରିଅଲ୍ ଇଷ୍ଟେଟ୍ ଓ ଗ୍ରାହକଙ୍କ ପାଇଁ ୱିନ୍-ୱିନ୍ ସ୍ଥିତି ଆଣିବ। ରାଜ୍ୟର ପ୍ରମୁଖ ରିଅଲ୍ ଇଷ୍ଟେଟ୍ ଶିଳ୍ପସଂଘ 'ଆସୋସିଏସନ୍ ଫର୍ ଓଡ଼ିଶା ରିଅଲ୍ ଇଷ୍ଟେଟ୍ ଡେଭଲପର୍ସ (ଆଫୋର୍ଡ)' ଏହା କହିଛି।

ଜନତା ମଇଦାନଠାରେ ଆରମ୍ଭ ହୋଇଥିବା ଆଫୋର୍ଡ ହୋମ୍ ଏକ୍ସପୋ ଉଦ୍‌ଘାଟନୀ ଉତ୍ସବ ଅବସରରେ ସଂଘର ସଭାପତି ଉମେଶ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି, ଶସ୍ତା ବାସଗୃହକୁ ଭିତ୍ତିଭୂମି ମାନ୍ୟତା ପ୍ରଦାନ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଶସ୍ତା ବାସଗୃହ ନିର୍ମାଣ କରୁଥିବା ରିଅଲ୍ ଇଷ୍ଟେଟ୍ ଶିଳ୍ପକୁ ଅନେକଗୁଡ଼ିଏ ସରକାରୀ ପ୍ରୋତ୍ସାହନ ଦେବ। ଏପରିକି ସେମାନଙ୍କୁ ଆୟକରରେ ମଧ୍ୟ ରିହାତି ମିଳିବ। ଫଳରେ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ପ୍ରତିଯୋଗିତା ସୃଷ୍ଟି ହେବ ଓ ଅଧିକରୁ ଅଧିକ ଲୋକେ ସ୍ୱପ୍ନର ଘର କିଣିବାକୁ ବିକଳ୍ପ ପାଇବେ।

ଆଫୋର୍ଡ ହୋମ୍ ଏକ୍ସପୋକୁ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏ ଅବସରରେ ଆଫୋର୍ଡ ସମ୍ପାଦକ ନିଶିତ୍ ରଞ୍ଜନ ନନ୍ଦ କହିଛନ୍ତି,

### ଆଫୋର୍ଡ ହୋମ୍ ଏକ୍ସପୋ ଉଦ୍‌ଘାଟିତ

ଏହି ବାସଗୃହ ମେଳା ଫେବ୍ରୁଆରୀ ୫ ଯାଏଁ ୩ ଦିନ ଧରି ଚାଲିବ। ଏଥିରେ ମୋଟ୍ ୨୫ ଜଣ ନିର୍ମାତା ସେମାନଙ୍କର ୩୦ରୁ ଅଧିକ ପ୍ରକଳ୍ପକୁ ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱର ଆଖପାଖରେ ଥିବା ଏହି ପ୍ରକଳ୍ପଗୁଡ଼ିକରେ ୧,୦୦୦ରୁ ଅଧିକ ୟୁନିଟ୍ ଫ୍ଲାଟ୍ ରହିଛି। ସେଥିରୁ ୭୫୦ ୟୁନିଟ୍ ଫ୍ଲାଟ୍ ରେଡି-ଟୁ-ମୁଭ୍ ପର୍ଯ୍ୟାୟରେ ରହିଛି। ବାସଗୃହଗୁଡ଼ିକର ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କା ମଧ୍ୟରେ ରହିଛି। ସେହିଭଳି ଏକ୍ସପୋରେ ସ୍ପଟ୍ ବୁକିଂ ପାଇଁ ନିର୍ମାତାମାନେ ୫% ପର୍ଯ୍ୟନ୍ତ ରିହାତି ଦେବେ। ବାସଗୃହ ଋଣ ଯୋଗାଇବାକୁ ଏକ୍ସପୋରେ ଏସ୍‌ବିଆଇ ସମେତ ବହୁ ବ୍ୟାଙ୍କ ସେମାନଙ୍କର ଷ୍ଟଲ୍ ଖୋଲିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ମୁଖ୍ୟ ମହାପ୍ରବନ୍ଧକ ବି ଭି ଜି ରେଡ୍ଡୀ, ଡିଜିଏମ୍ ପ୍ରକାଶ ଚନ୍ଦ୍ର ସାବୁ, ଆଫୋର୍ଡ ଉପସଭାପତି ସୂର୍ଯ୍ୟକାନ୍ତ ନନ୍ଦ, ବୃନ୍ଦାବନ ଦଳବେହେରା, କୋଷାଧ୍ୟକ୍ଷ ପ୍ରଦୀପ ସୂତାର, ଦେବକାନ୍ତ ପଟ୍ଟନାୟକ, ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ରେକର୍ଡ ଲୋଡିଂ ପାଇଁ ଓଏସ୍ଏଲ୍ ପୁରସ୍କୃତ



ଭୁବନେଶ୍ୱର,୩।୨(ବ୍ୟୁରୋ): ରେକର୍ଡ ପରିମାଣର ମାଲ୍ ଲୋଡିଂ କରିଥିବା କାରଣରୁ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ) ପୁରସ୍କୃତ ହୋଇଛି। ବିଶାଖାପାଟଣା ବନ୍ଦରରେ ଏମ୍‌ଭି ରିଭାକୁ ୨୪ ଘଣ୍ଟା ମଧ୍ୟରେ ୨,୯୬୬ ଟନ୍ ଆଲୁମିନିୟମ୍ ଇନ୍‌ଗଟ୍‌ସ ଲୋଡ୍ କରି ଓଏସ୍ଏଲ୍ ଏହି ସମ୍ମାନ ହାତେଇଛି। ବିଶାଖାପାଟଣା ବନ୍ଦର ଟ୍ରଷ୍ଟର ଅଧ୍ୟକ୍ଷ ଏମ୍ ଟି କୃଷ୍ଣବାବୁଙ୍କ ନିକଟରୁ ଓଏସ୍ଏଲ୍ ଭାଇଜାଗ୍‌ର ମହାପ୍ରବନ୍ଧକ ଜେ କେ ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଓଏସ୍ଏଲ୍ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ଆଗାମୀ ଦିନରେ ମଧ୍ୟ କମ୍ପାନି ଏଭଳି ସଫଳତା ହାସଲ ପାଇଁ କାର୍ଯ୍ୟ କରିବ।

### ✓ବିଜିୟୁ ପକ୍ଷରୁ ସ୍ପୋର୍ଟସ ଫେଷ୍ଟ-୨୦୧୭




ଭୁବନେଶ୍ୱର,୩।୨(ବ୍ୟୁରୋ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ବିଜିୟୁ ଆନ୍ତଃ କଲେଜ/ୟୁନିଭର୍ସିଟି ସ୍ପୋର୍ଟସ୍ ଫେଷ୍ଟ-୨୦୧୭ ସଫଳତା ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଫେଷ୍ଟରେ ଓଡ଼ିଶାର ୧୩ଟି କଲେଜ ଏବଂ ୟୁନିଭରସିଟିର ୨୫୦ ଜଣ ଅଂଶଗ୍ରହଣକାରୀ ୨୦ଟି ଟିମ୍‌କୁ ପ୍ରତିନିଧିତ୍ୱ କରିଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ବିର୍ଲା ଗ୍ଲୋବାଲ ୟୁନିଭରସିଟି, କିଟ୍ ସ୍କୁଲ ଅଫ୍ ଟେକ୍ନୋଲୋଜିକୁ ହରାଇଥିବା ବେଳେ ଓମେନ୍ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆଇଟିଆର, ସିଲିକନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିକୁ ପରାସ୍ତ କରିଥିଲା। ଏହି କାର୍ଯ୍ୟକ୍ରମକୁ ବିଜିୟୁ, ଭୁବନେଶ୍ୱର ଉପଦେଷ୍ଟା ଡ. ବି କେ ଦାସ ଏବଂ ବିମ୍‌ଟେକ୍, ଭୁବନେଶ୍ୱର ନିର୍ଦ୍ଦେଶକ ଡ. ପରମେଶ୍ୱର ନାୟକ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଟ୍ରଫି ଗୁଡ଼ିକର ଆୟୋଜନ ମେସର୍ସ ବର୍ମା ସ୍ପୋର୍ଟସ୍ କରିଥିବା ବେଳେ ସ୍ପୋର୍ଟସ୍ ଫେଷ୍ଟରେ ବିଜୟୀ ହୋଇଥିବା ବିଭିନ୍ନ ଟିମ୍‌କୁ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଶେଷରେ ଏହି ଫେଷ୍ଟର ସଞ୍ଚାଳିକା ତଥା ବିଜିୟୁର ସ୍ପୋର୍ଟସ୍ ଅଫିସର, ସୁପ୍ରିୟୋ ମଣ୍ଡଳ ଧନ୍ୟବାଦ ଜ୍ଞାପନ କରିଥିଲେ।

### ପୁନଃ ମୁଦ୍ରୀକରଣ ଶୀଘ୍ର ସମ୍ପୂର୍ଣ୍ଣ ହେବ

## ସାପ୍ତାହିକ ଉଠାଣ କଟକଣା ହଟିବ

ନୂଆଦିଲ୍ଲୀ,୩।୨(ଏଜେନ୍ସି): ନଭେମ୍ବର ୮ରେ ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ ହେବା କ୍ଷଣି ପୁନଃ ମୁଦ୍ରୀକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା। ବର୍ତ୍ତମାନ ଏହି ପ୍ରକ୍ରିୟା ଶେଷ ହେବାକୁ ଯାଉଛି। ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅଧିକ ନୂଆ ନୋଟ୍ ଛଡ଼ାଯିବା ଯୋଗୁ ପୁନଃ ମୁଦ୍ରୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଅର୍ଥନୈତିକ ବ୍ୟାପାର ସଚିବ ଶକ୍ତିକାନ୍ତ ଦାସ ଶୁକ୍ରବାର ଏହି ସୂଚନା ଦେଇଛନ୍ତି।

ଏକ ସାକ୍ଷାତ୍‌କାରରେ ସୂଚନା ଦେଇ ଶ୍ରୀ ଦାସ କହିଛନ୍ତି, ସଞ୍ଚୟ ଖାତାରେ ସାପ୍ତାହିକ ନଗଦ ଉଠାଣ ସୀମା (୨୪,୦୦୦ ଟଙ୍କା) କଟକଣାକୁ ଛାଡ଼ିଦେଲେ ଅନ୍ୟ ସବୁ କଟକଣା ହଟିଯାଇଛି। ଫଳରେ ଆଉ କୌଣସି ଅସୁବିଧା ନାହିଁ। ସମୟ ଅନୁସାରେ ଆର୍‌ବିଆଇ ଏହି କଟକଣାକୁ ବି ହଟାଇଦେବ। ଏବେ କିଛି ଲୋକ ମାସକୁ ୧ ଲକ୍ଷ ଟଙ୍କା ଟଙ୍କା ଉଠାଉଛନ୍ତି। ତେଣୁ



ଆଜିକା ଦିନରେ କୌଣସି କଟକଣା ନାହିଁ କହିଲେ ଚଳେ। ମୋ ଜାଣିବାରେ ପୁନଃ ମୁଦ୍ରୀକରଣ ପ୍ରକ୍ରିୟା ଶେଷ ହେବା ଅବସ୍ଥାରେ। ମୋର ଏଭଳି କହିବାର କାରଣ ହେଉଛି ସାପ୍ତାହିକ ଉଠାଣ କଟକଣା ଏବେ ବିକଳ୍ପଭାବେ ରହିଛି। ଏହା ହଟିଯିବା ପରେ ପୁନଃ ମୁଦ୍ରୀକରଣ ପ୍ରକ୍ରିୟା (ଅଚଳ ହୋଇଥିବା ନୋଟ୍ ମୂଲ୍ୟର ନୂଆ ନୋଟ୍ ବଜାରରେ ପ୍ରବେଶ କରାଇବା ପ୍ରକ୍ରିୟା) ସମ୍ପନ୍ନ ହୋଇଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ଅର୍ଥନୈତିକ ବ୍ୟାପାର ସଚିବ କହିଛନ୍ତି, କ୍ଷୁଦ୍ର ମୂଲ୍ୟର ନୋଟ୍ ବଜାରକୁ ଛାଡ଼ିବା ପାଇଁ ଧ୍ୟାନ ଦିଆଯାଉଛି। ଫଳରେ ଖୁଚୁରା କାରବାରରେ କୌଣସି ବାଧା ଉପୁଜିବ ନାହିଁ। ତେବେ ବିମୁଦ୍ରୀକରଣ ଘୋଷଣା ହେବାର ୯୦ ଦିନରୁ କମ୍ ସମୟ ମଧ୍ୟରେ ପୁନଃ ମୁଦ୍ରୀକରଣ ପ୍ରକ୍ରିୟା ଶେଷ ହେବା ଅବସ୍ଥାକୁ ଚାଲିଆସିଛି।

## ୧୧ଶହ ଚଢ଼ାଉ, ୫୧ଶହ ନୋଟିସ୍

ନୂଆଦିଲ୍ଲୀ,୩।୨(ଏଜେନ୍ସି): ବିମୁଦ୍ରୀକରଣ ପରେ କଳାଧନ ଓ ଜାଲ୍ ନୋଟ୍‌ର ମୁକାବିଲା ପାଇଁ ସରକାରୀ ଏଜେନ୍ସିଗୁଡ଼ିକ ୧,୧୦୦ରୁ ଊର୍ଦ୍ଧ୍ୱ ଚଢ଼ାଉ ଓ ୫,୧୦୦ ନୋଟିସ୍ ଜାରି କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଆଜି ଏହି ସୂଚନା ଦେଇଛନ୍ତି।

ଲୋକସଭାରେ ଏକ ଲିଖିତ ଉତ୍ତରରେ ଶ୍ରୀ ଜେଟ୍‌ଲୀ କହିଲେ, ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଏଥିରେ ୫୧୩ କୋଟି ଟଙ୍କାର ନଗଦ ରହିଛି। ବିମୁଦ୍ରୀକରଣ ଘୋଷଣା ପରେ ଟିକସ ବିଭାଗର ଅଧିକାରୀମାନେ ସନ୍ଦେହଘେରକୁ ଆସିଥିବା ମୋଟା ଜମା ଉପରେ ଛାନ୍‌ଭିନ୍ ଆରମ୍ଭ କରିଦେଇଥିଲେ। ବ୍ୟାଙ୍କ ଓ ଅନ୍ୟ ସୂତ୍ରରୁ ଖବର ପାଇ ଏଜେନ୍ସିଗୁଡ଼ିକ ଦେଶବ୍ୟାପୀ ଚଢ଼ାଉ ଜୋର୍‌ଦାର କରିଥିଲେ।

### କଳାଧନ, ଜାଲ୍ ନୋଟ୍ ମୁକାବିଲା

ଅନ୍ୟଏକ ପ୍ରଶ୍ନର ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ସନ୍ତୋଷ ଗଙ୍ଗୱାର କହିଲେ, ଗତବର୍ଷ ନଭେମ୍ବର ୮ ସୁଦ୍ଧା ଦେଶରେ ୧୭,୧୬୫ ନିୟୁତ ଖଣ୍ଡ ୫୦୦ ଟଙ୍କିଆ ଓ ୬,୮୫୮ ନିୟୁତ ଖଣ୍ଡ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳନ ହେଉଥିଲା। ଡିସେମ୍ବର ୧୦ ସୁଦ୍ଧା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ୧୨.୪୪ ଲକ୍ଷ କୋଟିର ଅଚଳ ନୋଟ୍ ଫେରିଆସିଛି। ଜେଟ୍‌ଲୀଙ୍କ କହିବାନୁଯାୟୀ ଭାରତରେ ଏକ ନୂଆ ସ୍ୱାଭାବିକତା ସୃଷ୍ଟି କରିବା ପାଇଁ ବିମୁଦ୍ରୀକରଣ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ଜିଡିପି ବୃହତ୍ତର ହେବା ସହିତ ସ୍ୱଚ୍ଛ ଓ ବାସ୍ତବ ହୋଇପାରିବ। ଦେଶରୁ ଦୁର୍ନୀତି, କଳାଧନ, ଜାଲ୍ ନୋଟ୍ ଏବଂ ଆତଙ୍କବାଦ ଭଳି କାର୍ଯ୍ୟକଳାପର ମୁକାବିଲା ନିମନ୍ତେ ସରକାର ଏହି ନୋଟ୍ ବ୍ୟାନ୍ ପଦକ୍ଷେପ ନେଇଥିଲେ।